# NATIONAL NEWS BULLETIN (ODIA)

**25 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବିଶ୍ୱରେ ଦେଖାଦେଇଥିବା ଅନିୟମିତତା ଭାରତକୁ ତା’ର ଲକ୍ଷ୍ୟରୁ ଦୂର କରିପାରିନାହିଁ ବରଂ ସୁଦୃଢ଼ କରିଛି - କହିଲେ ପ୍ରଧାନମନ୍ତ୍ରୀ ।

- ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆଜି ସଂଧ୍ୟାରେ ଉଦ୍‌ଘାଟିତ ହେବ ବିଶ୍ୱ ଖାଦ୍ୟମେଳା - ୨୦୨୫ ।

- ୯୧ଟି ଦେଶର ୧୫୦ଟି ସ୍ଥାନରେ ସରକାର ଆୟୋଜନ କରୁଛନ୍ତି ବିକଶିତ ଭାରତ ଦୌଡ଼ ।

- ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଆସନ୍ତାକାଲି ପ୍ରଦାନ କରାଯିବ ସମ୍ମାନଜନକ ଜାତୀୟ ଭୂ-ବିଜ୍ଞାନ ପୁରସ୍କାର ।

ଏବଂ

- ଏସିଆ କପ୍‌ ଟି-୨୦ କ୍ରିକେଟ୍‌ରେ ବାଂଲାଦେଶକୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କଲା ଭାରତ ।

- ଆଜି ବାଂଲାଦେଶ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ।

# ପିଏମ୍-ୟୁପି ଟ୍ରେଡ୍ ଶୋ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ବିଶ୍ୱରେ ଅନିଶ୍ଚିତତା ଏବଂ ସମସ୍ୟା ଲାଗି ରହିଥିବାବେଳେ ଭାରତ ତା'ର ବିକାଶ ଧାରା ଜାରି ରଖିଛି । ଆଜି ଉତ୍ତରପ୍ରଦେଶରେ ଆନ୍ତର୍ଜାତିକ ବାଣିଜ୍ୟ ମେଳାକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ବିଶ୍ୱରେ ଦେଖାଦେଇଥିବା ଅନିୟମିତତା ଭାରତକୁ ତା'ର ଲକ୍ଷ୍ୟରୁ ଦୂର କରିପାରିନାହିଁ । ବରଂ ଭାରତ ପାଇଁ ଏହା ଏକ ନୂଆ ସୁଯୋଗ ଓ ନୂଆ ଦିଗ ସୃଷ୍ଟି କରିଛି । ବିଶ୍ୱର ଅନିୟମିତତା ମଧ୍ୟରେ ଭାରତ ତା'ର ମୂଳଦୁଆକୁ ସୁଦୃଢ଼ କରିଛି, ଯେଉଁଥିରେ ଆତ୍ମନିର୍ଭର ଭାରତର ମନ୍ତ୍ର ସାକାର ହେବାରେ ଲାଗିଛି । ସେ କହିଛନ୍ତି ଭାରତ ନିଶ୍ଚିତ ଭାବେ ଆତ୍ମନିର୍ଭରଶୀଳ ହେବ । ଭାରତରେ ଯେଉଁସବୁ ସାମଗ୍ରୀ ଓ ବସ୍ତୁ ଉତ୍ପାଦନ କରାଯାଇପାରିବ ତାହା ନିଶ୍ଚିତଭାବେ ଉତ୍ପାଦନ କରାଯିବ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଚନ୍ତି ସରକାର ମେକ୍ ଇନ୍ ଇଣ୍ଡିଆ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରୁଛନ୍ତି ଏବଂ ଦେଶରେ ଚିପ୍ ଠାରୁ ଆରମ୍ଭ କରି ଜାହାଜ ପର୍ଯ୍ୟନ୍ତ ନିର୍ମାଣ କରିବା ଲାଗି ସଂକଳ୍ପ ନେଇଛନ୍ତି ।

**V/O (PM Chip)**

ପ୍ରଧାନମନ୍ତ୍ରୀ କହିଛନ୍ତି ରୁଷ୍ ସହଯୋଗରେ ସ୍ଥାପନ କରାଯାଇଥିବା ଫ୍ୟାକ୍ଟ୍ରିରେ ଖୁବ୍‌ଶୀଘ୍ର ଏ.କେ-୨୦୩ ରାଇଫଲ ଉତ୍ପାଦନ କରାଯିବ । ଉତ୍ତରପ୍ରଦେଶରେ ପ୍ରତିରକ୍ଷା କରିଡ଼ରର ବିକାଶ ସମ୍ପର୍କରେ ଶ୍ରୀ ମୋଦୀ କହିଛନ୍ତି ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଉତ୍ପାଦନ କାର୍ଯ୍ୟ ଆରମ୍ଭ ହୋଇ ସାରିଛି ।

**V/O (PM Russia)**

ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଭାରତ' ୟୁପିଆଇ, ଆଧାର ଏବଂ ଡିଜିଲକର ଭରି ପ୍ଲାଟଫର୍ମ ସୃଷ୍ଟି କରିଛି, ଯାହାର ଲାଭ ସମସ୍ତ ଜନସାଧାରଣ ପାଇପାରୁଛନ୍ତି । ସେ କହିଛନ୍ତି ଏହାର ଅର୍ଥ ହେଉଛି ସମସ୍ତଙ୍କର ବିକାଶରେ ହିଁ ଦେଶର ବିକାଶ । ଶ୍ରୀ ମୋଦୀ କହିଛନ୍ତି ସରକାର ଇ-ମାର୍କେଟ୍ ପ୍ଲେସ୍ ଜେମ୍ ପୋର୍ଟାଲ ଜରିଆରେ ୨୫ଲକ୍ଷ ବିକ୍ରେତା ଏବଂ ସେବା ପ୍ରଦାନକାରୀ ସରକାରଙ୍କୁ ବିଭିନ୍ନ ଦ୍ରବ୍ୟ ବିକ୍ରୟ କରୁଛନ୍ତି । ସେ କହିଛନ୍ତି କ୍ଷୁଦ୍ର ଦୋକାନୀ ଏବଂ ବ୍ୟବସାୟୀମାନେ ମଧ୍ୟ ଏହି ପୋର୍ଟାଲ ଜରିଆରେ ବିଭିନ୍ନ ସାମଗ୍ରୀ ଓ ସେବା ବିକ୍ରୟ କରିପାରିବେ । ସେ କହିଛନ୍ତି ଭାରତ' ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଲାଗି ଦ୍ରୁତ ଗତିରେ ଅଗ୍ରସର ହେଉଛି ।

**V/O (PM Fintec)**

ପ୍ରଧାନମନ୍ତ୍ରୀ କହିଛନ୍ତି ଜିଏସ୍‌ଟି ହ୍ରାସ ଯୋଗୁଁ ଏବଂ ଏଥିରେ ପଞ୍ଜିକରଣ କରିବା ପ୍ରକ୍ରିୟାକୁ ସରଳ କରାଯିବା ପରେ ପ୍ରତ୍ୟେକ କ୍ଷେତ୍ରରେ ଏହା ଲାଭପ୍ରଦାନ କରୁଛି । ଆଜିର ବିଶ୍ୱ ବାଣିଜ୍ୟ ମେଳାରେ ୨ହଜାର ୨୦୦ରୁ ଅଧିକ ସଂସ୍ଥା ସେମାନଙ୍କର ସାମଗ୍ରୀ ଏବଂ ସେବାର ପ୍ରଦର୍ଶନୀ କରୁଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି । ସେ କହିଛନ୍ତି ଏହି ବିଶ୍ୱ ବାଣିଜ୍ୟ ମେଳାରେ ରୁଷ୍ ମୁଖ୍ୟ ଭାଗିଦାର ହୋଇଛି ।

## ପିଏମ୍ ଓ୍ୱାର୍ଲଡଫୁଡ୍ ଇଣ୍ଡିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆଜି ସଂଧ୍ୟାରେ ବିଶ୍ୱ ଖାଦ୍ୟମେଳା-୨୦୨୫କୁ ଉଦ୍‌ଘାଟନ କରିବେ । ଏହି ୪ ଦିନିଆ ମେଳାରେ ଭାରତର ଖାଦ୍ୟ ପ୍ରକ୍ରିୟାକରଣ ଏବଂ ପୋଷଣଯୁକ୍ତ ଖାଦ୍ୟ ଉତ୍ପାଦନ ଉପରେ ପ୍ରଦର୍ଶନ କରାଯିବ । ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଦେଶରେ ଘଟିଥିବା ବିକାଶ ଏବଂ ଏ କ୍ଷେତ୍ରରେ ପୁଞ୍ଜି ନିବେଶ ଓ ଆନ୍ତର୍ଜାତିକ ସ୍ତରରେ ସହଯୋଗ ସଂପର୍କରେ ମଧ୍ୟ ବିସ୍ତୃତ ତଥ୍ୟ ପ୍ରଦାନ କରାଯିବ ।

ଏହି ଖାଦ୍ୟ ସମ୍ମିଳନୀରେ ୨୧ଟିରୁ ଅଧିକ ଦେଶ ଏବଂ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବିଭିନ୍ନ ବିଭାଗ ଗୁଡ଼ିକ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରକଳ୍ପ ପାଇଁ ୨୬ ହଜାର ହିତାଧିକାରୀଙ୍କୁ ୭୭୦ କୋଟି ଟଙ୍କାରୁ ଅଧିକ କ୍ରେଡିଟ୍ ଲିଙ୍କ୍‌ଡ୍ ସହାୟତା ପ୍ରଦାନ କରିବେ । ସମ୍ମିଳନୀରେ ଅନେକ ଗୁଡ଼ିଏ ଗୋଲ୍ ଟେବୁଲ୍ ଆଲୋଚନା, ବୈଷୟିକ ଅଧିବେଶନ ଓ ପାରସ୍ପରିକ ଆଲୋଚନା ଅନୁଷ୍ଠିତ ହେବ ।

## ବିକଶିତ ଭାରତ ରନ୍

କେନ୍ଦ୍ର ଯୁବବ୍ୟାପର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ବୈଦେଶିକ ମନ୍ତ୍ରାଳୟ ସହଯୋଗରେ ସେବା ପର୍ବ ଅବସରରେ ୯୧ଟି ଦେଶର ୧୫୦ଟି

ସ୍ଥାନରେ ବିକଶିତ ଭାରତ ଦୌଡ଼ ୨୦୨୫ ଆୟୋଜନ କରୁଛି । ପ୍ରଥମଥର ଲାଗି ଦେଶ ବାହାରେ ମଧ୍ୟ ଏହି ଭଳି ଦୌଡ଼ ଆୟୋଜନ କରାଯାଇ ଦେଶ ଗଠନରେ ବ୍ରତୀ ହେବାଲାଗି ସଚେତନତା ସୃଷ୍ଟି କରାଯାଉଛି । କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ବିଭିନ୍ନ ଅଞ୍ଚଳରେ ଦେଶ ସେବା ପାଇଁ ଦୌଡ଼ ଶୀର୍ଷକରେ ୩ରୁ ୫ କିଲୋମିଟର ପର୍ଯ୍ୟନ୍ତ ବିକଶିତ ଭାରତ ଦୌଡ଼ ଆୟୋଜନ କରାଯାଉଛି । ସୂଚନା ଅନୁଯାୟୀ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ ସମେତ ବିଭିନ୍ନ ଦେଶର ପ୍ରସିଦ୍ଧ ସ୍ଥାନ ଗୁଡ଼ିକରେ ଏହି ଦୌଡ଼ ଆୟୋଜନ କରାଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି ବିଦେଶରେ ରହୁଥିବା ଭାରତୀୟ ମାନଙ୍କୁ ବିଶେଷକରି ଛାତ୍ର, ବୃତ୍ତିଗତ ଏବଂ ଅନ୍ୟମାନଙ୍କୁ ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ସଚେତନତା ସୃଷ୍ଟି କରିଥାଏ ।

## ପ୍ରେଜ୍ - ଜିଓ ସାଇନ୍ସ ଆୱାର୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ରାଷ୍ଟ୍ରପତି ଭବନର ସାଂସ୍କୃତିକ କେନ୍ଦ୍ରରେ ସମ୍ମାନଜନକ ଜାତୀୟ ଭୂ-ବିଜ୍ଞାନ ପୁରସ୍କାର ୨୦୨୪ ପ୍ରଦାନ କରିବେ । ଭୂ-ବିଜ୍ଞାନ କ୍ଷେତ୍ରରେ ପ୍ରଦାନ କରାଯାଉଥିବା ବିଭିନ୍ନ ପୁରସ୍କାର ମଧ୍ୟରେ ଏହି ପୁରସ୍କାର ଅତ୍ୟନ୍ତ ପୁରାତନ । ଏହି ପୁରସ୍କାରର ଉଦ୍ଦେଶ୍ୟ ହେଉଛି ଭୂ-ବିଜ୍ଞାନ କ୍ଷେତ୍ରରେ ଅବଦାନ ରଖିଥିବା ଏବଂ ସଫଳତା ଅର୍ଜନ

କରିଥିବା ବ୍ୟକ୍ତିବିଶେଷ ଏବଂ ସଂସ୍ଥାଗୁଡ଼ିକୁ ସମ୍ମାନିତ କରିବା । ପ୍ରତ୍ୟେକ ବର୍ଷ କେନ୍ଦ୍ର ଖଣି ମନ୍ତ୍ରଣାଳୟ ଦ୍ୱାରା ୩ଟି ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ସେଗୁଡ଼ିକ ହେଉଛି ଜାତୀୟ ଭୂ-ବିଜ୍ଞାନ ଜୀବନବ୍ୟାପୀ ସାଧନା ପୁରସ୍କାର, ଜାତୀୟ ଭୂ-ବିଜ୍ଞାନ ପୁରସ୍କାର ଏବଂ ଜାତୀୟ ଯୁବ ଭୂ-ବିଜ୍ଞାନୀ ପୁରସ୍କାର । ଆସନ୍ତାକାଲି ହେବାକୁ ଥିବା ପୁରସ୍କାର ପ୍ରଦାନ ସମାରୋହରେ କେନ୍ଦ୍ର ଖଣିମନ୍ତ୍ରୀ ଜି.କିଶନ ରେଡ୍ଡୀ ଏବଂ ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଉପସ୍ଥିତ ରହିବେ ।

## ପ୍ରେଜ୍-ବୃନ୍ଦାବନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଦିନିକିଆ ଗସ୍ତରେ ଉତ୍ତରପ୍ରଦେଶର ବୃନ୍ଦାବନ ଯାତ୍ରା କରିଛନ୍ତି । ଦିଲ୍ଲୀର ସଫଦରଜଙ୍ଗ ରେଳଷ୍ଟେସନରୁ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଉତ୍ତରପ୍ରଦେଶର ବୃନ୍ଦାବନ ରୋଡ଼ ରେଳଷ୍ଟେସନ ପର୍ଯ୍ୟନ୍ତ ଯାତ୍ରା କରିଥିଲେ । ରାଷ୍ଟ୍ରପତି ପହଞ୍ଚିବା ପରେ ଉତ୍ତରପ୍ରଦେଶର ମନ୍ତ୍ରୀ ଲକ୍ଷ୍ମୀକାନ୍ତ ଚୌଧୁରୀ ତାଙ୍କୁ ସ୍ୱାଗତ କରିଥିଲେ ।

ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ନିଧିବନଠାରେ ଥିବା ଶ୍ରୀ ବାଙ୍କେବିହାରୀ ମନ୍ଦିର ଓ କୁବ୍‌ଜା କୃଷ୍ଣ ମନ୍ଦିର ଏବଂ ସୁଦାମା କୁଟି'ରେ ପୂଜାର୍ଚ୍ଚନା କରିବେ । ମଥୁରାସ୍ଥିତ ଶ୍ରୀକୃଷ୍ଣ

ଜନ୍ମସ୍ଥାନରେ ମଧ୍ୟ ରାଷ୍ଟ୍ରପତି ଦର୍ଶନ ଓ ପୂଜା କରିବେ ବୋଲି ସୂଚନା ମିଳିଛି ।

## ମଷ୍ଟ ଆନାଉନ୍ସମେଣ୍ଟ ସେବା ପର୍ବ

ସେବା ଓ ସୁଶାସନର ୧୧ବର୍ଷ ପୂର୍ତ୍ତି ଉପଲକ୍ଷେ ଆକାଶବାଣୀରୁ ପ୍ରସାରିତ ହେଉଥିବା ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବର ଚତୁର୍ଥ ଅଧ୍ୟାୟ ଆଜି ପ୍ରସାରିତ ହେବ । ଆଜି ଅପରାହ୍ଣ ୩ଟା ୧୦ ମିନିଟ୍‌ରେ ୧୦୦ ଦଶମିକ ୧ ମେଗାହର୍ଜ ଏଫ୍‌ଏମ୍ ଗୋଲ୍ଡ ଚ୍ୟାନେଲରେ ଏହି କାର୍ଯ୍ୟକ୍ରମ ପ୍ରସାରଣ କରାଯିବ । ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବର ଚତୁର୍ଥ ଅଧ୍ୟାୟର ବିଷୟବସ୍ତୁ ରହିଛି 'ମୃତ୍ତିକାରୁ ସଫଳତା ଯାଏଁ କୃଷି ଓ କୃଷକଙ୍କୁ ସଶକ୍ତ କରିବା' ।

## ସେବାପର୍ବ-ଡିଫେନ୍ସ ଇନୋଭେସନ

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା ମୋଦୀ ସରକାରଙ୍କ ପ୍ରତିରକ୍ଷା ଉତ୍କର୍ଷତା ପାଇଁ କିଭଳି ଭାରତର ପ୍ରତିରକ୍ଷା ନବସୃଜନ ଆଜି ବିଶ୍ୱସ୍ତରୀୟ ହୋଇପାରିଛି ଏବଂ ଭାରତ ଆମଦାନୀ

ବଦଳରେ ପ୍ରତିରକ୍ଷା ଅସ୍ତ୍ରଶସ୍ତ୍ର ରପ୍ତାନୀକାରୀ ଦେଶ ଭାବେ ପରିଗଣିତ ହୋଇଛି ।

ନରେନ୍ଦ୍ର ମୋଦୀ ସରକାର ଗତ ୧୧ ବର୍ଷ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ନବସୃଜନ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇଛନ୍ତି । ପ୍ରତିରକ୍ଷା ଉତ୍କର୍ଷତା ପାଇଁ ୨୦୧୮ରେ ଆରମ୍ଭ କରାଯାଇଥିବା ଆଇ-ଡେକ୍ସ ଉଦ୍ୟମ ଦେଶରେ ପ୍ରତିରକ୍ଷା କ୍ଷେତ୍ରରେ ଏକ ଇକୋସିଷ୍ଟମ୍ ସୃଷ୍ଟି କରିବା ସହିତ ନବସୃଜନକୁ ପ୍ରୋତ୍ସାହିତ କରୁଛି। ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ବିକାଶକୁ ଉତ୍ସାହିତ କରିବା ଲାଗି ଗବେଷଣା ଏବଂ ବିକାଶ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ, ଶିଳ୍ପ, ଷ୍ଟାର୍ଟଅପ୍ ଗୁଡ଼ିକୁ ସରକାର ସୁଯୋଗ ପ୍ରଦାନ କରିଛନ୍ତି ।

ପ୍ରଧାନମନ୍ତ୍ରୀ ମହାବଳିପୁରମ୍‌ରେ ପ୍ରତିରକ୍ଷା ସମ୍ମିଳନୀ ଉଦ୍‌ଘାଟନ କରି ଏବଂ ଆଇ-ଡେକ୍ସ ମାଧ୍ୟମରେ ଦେଶର ପ୍ରତିରକ୍ଷା କ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି

**V/O-PM Defence**

ପ୍ରତିରକ୍ଷା କ୍ଷେତ୍ରରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ବୃଦ୍ଧି ନିମନ୍ତେ ସରକାର ୧ କୋଟି ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁଦାନ ପ୍ରଦାନ କରିବା ସହ ଏମ୍‌ଏସ୍‌ଏମ୍‌ଇ, ଷ୍ଟାର୍ଟଅପ୍ ଏବଂ ଗବେଷଣା ବିକାଶ ପ୍ରତିଷ୍ଠାନ ଗୁଡ଼ିକୁ ଏ କ୍ଷେତ୍ରରେ ସମର୍ଥନ କରିଛନ୍ତି । ପ୍ରତିରକ୍ଷା ବିଭାଗ ଆଇ-ଡେକ୍ସ ସମର୍ଥିତ ଷ୍ଟାର୍ଟଅପ୍ ଏବଂ ଏମ୍‌ଏସ୍‌ଏମ୍‌ଇ ଠାରୁ ୨ହଜାର ୪୦୦ କୋଟିରୁ ଅଧିକ ଟଙ୍କାର ୪୩ଟି ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିଛି । ପ୍ରାୟ ୬୧୯ଟି ଷ୍ଟାର୍ଟଅପ୍ ଏବଂ ଏମ୍‌ଏସ୍‌ଏମ୍‌ଇ ସହିତ ୪୩୦ଟି ଆଇ-ଡେକ୍ସ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଗତ କିଛିବର୍ଷ ମଧ୍ୟରେ ଦେଶର ପ୍ରତିରକ୍ଷା କ୍ଷେତ୍ରରେ

ଏକ ଦୃଢ଼ ବ୍ୟବସ୍ଥା ସୃଷ୍ଟି କରିବା ଲାଗି କେନ୍ଦ୍ର ସରକାର ଆତ୍ମନିର୍ଭର ଭାରତରେ ପ୍ରତିରକ୍ଷାକୁ ଆତ୍ମନିର୍ଭରଶୀଳ କରିବା ଲାଗି ଉଦ୍ୟମ ଜାରି ରଖିଛନ୍ତି ।

**Seba Parba Closing**

# ଏସିଆ କପ୍ କ୍ରିକେଟ୍

ଏସିଆ କପ୍ ଟି-୨୦ କ୍ରିକେଟ୍‌ରେ ଆଜି ସୁପର୍ ଫୋର୍ ପର୍ଯ୍ୟାୟ ମ୍ୟାଚ୍‌ରେ ବାଂଲାଦେଶ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ରାତି ୮ଟାରେ ଆରମ୍ଭ ହେବାକୁ ଥିବା ଏହି ମ୍ୟାଚ୍‌ରେ ଯେଉଁ ଦଳ ବିଜୟ ହାସଲ କରିବ, ସେହି ଦଳ ଭାରତ ସହ ଫାଇନାଲ୍ ମ୍ୟାଚ୍ ଖେଳିବ ।

ଗତକାଲି ସୁପରଫୋର୍ ପର୍ଯ୍ୟାୟରେ ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୪୧ ରନ୍‌ରେ ବାଂଲାଦେଶକୁ ପରାସ୍ତ କରିଛି । ଏହି ବିଜୟ ସହ ଭାରତ ଫାଇନାଲ୍ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛି। ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ ୱିକେଟ୍ ବିନିମୟରେ ୧୬୮ରନ୍ ସଂଗ୍ରହ କରିଥିଲା । ଅଭିଷେକ ଶର୍ମା ୩୭ଟି ବଲ୍‌ରେ ୭୫ ରନ୍ କରିଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା ୩୮ ରନ୍ କରିଥିଲେ । ଏହାର ଜବାବରେ ବାଂଲାଦେଶ ୧୯ ଓଭର ୩ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୨୭ ରନ୍ ସ୍କୋର କରିଥିଲା ।